# NATIONAL NEWS BULLETIN (ODIA)
## 02nd November - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ.....    ସମ୍ବାଦ ପଢୁଛନ୍ତି.....    **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଭାରତ ଓ ଗ୍ରୀସ୍ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ।
- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମ୍ପର୍କରେ କାନାଡ଼ାର ଉପମନ୍ତ୍ରୀଙ୍କ ଟିପ୍ପଣୀକୁ ଭାରତର ଦୃଢ଼ ବିରୋଧ ।
- ଅଷ୍ଟ୍ରେଲିଆ ଓ ସିଙ୍ଗାପୁରକୁ ଆସନ୍ତାକାଲିଠାରୁ ୬ ଦିନିଆ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ଗାଇକଣପାଲିଠାରେ ଏକ ସଡ଼କ ଦୁର୍ଘଟଣାରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ।

ଏବଂ

- ମୁମ୍ବାଇଠାରେ ଚାଲିଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ନ୍ୟୁଜିଲାଣ୍ଡ’ ଭାରତ ବିପକ୍ଷରେ ତା’ର ଦ୍ୱିତୀୟ ଇନିଙ୍ଗ୍‌ସ୍‌ରେ ୯ ଓ୍ୱିକେଟ୍ ହରାଇ କରିଛି ୧୭୧ ରନ୍ ।

## ପି.ଏମ୍. - ଗ୍ରୀସ ପି.ଏମ୍.

ଭାରତ ଓ ଗ୍ରୀସ୍ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଗ୍ରୀସ୍ ପ୍ରତିପକ୍ଷ କାଇରିଆକୋସ୍ ମିସୋଟାକି’ଙ୍କ ସହିତ ଆଜି ଟେଲିଫୋନ୍ ଯୋଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କରିଥିବା ଆଲୋଚନାରୁ ଏହା ଜଣାପଡ଼ିଛି । ଉଭୟ ନେତା ଆପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଏବଂ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ଓ ପଶ୍ଚିମ ଏସିଆର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ଉଭୟ ପ୍ରଧାନମନ୍ତ୍ରୀ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷୀୟ ସମ୍ପର୍କ ଅଧିକ ସଶକ୍ତ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବାଣିଜ୍ୟ, ପ୍ରତିରକ୍ଷା, ଜାହାଜ ଚଳାଚଳ ଓ ସଂଯୋଗୀକରଣ ଭଳି କେତେକ କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେମାନେ ଏହି ଅବସରରେ ସମୀକ୍ଷା କରିଛନ୍ତି । କ୍ରମାଗତ ତୃତୀୟ ଥର ଲାଗି ଭାରତର ପ୍ରଧାନମନ୍ତ୍ରୀ ଭାବେ

ଦାୟିତ୍ୱ ଗ୍ରହଣ କରିଥିବାରୁ ଗ୍ରୀସ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଏମ୍.ଇ.ଏ. - କାନାଡ଼ା

କାନାଡ଼ାର ଜନ ସୁରକ୍ଷା ଓ ଜାତୀୟ ନିରାପତ୍ତା ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ସମ୍ମୁଖରେ ସେଠାକାର ଉପମନ୍ତ୍ରୀ ଡେଭିଡ୍ ମୋରିସନ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମ୍ପର୍କରେ କରିଥିବା ଟିପ୍ପଣୀକୁ ଭାରତ ଦୃଢ଼ ବିରୋଧ କରିଛି । ଆଜି ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତକାଲି ମନ୍ତ୍ରଣାଳୟ ପକ୍ଷରୁ ଭାରତରେ ଅବସ୍ଥାପିତ କାନାଡ଼ାର ଉଚ୍ଚାୟୁକ୍ତଙ୍କୁ ସମନ୍ କରାଯାଇ ଭାରତ ନିଜର ପକ୍ଷ ରଖିଛି । ଏହାଛଡ଼ା ଗତ ୨୯ ତାରିଖ ଦିନ ଅଟାଓ୍ୱାଠାରେ ହୋଇଥିବା ଷ୍ଟାଣ୍ଡିଂ କମିଟି ବୈଠକ ସମ୍ପର୍କରେ ଭାରତ ପକ୍ଷରୁ ଏକ କୂଟନୈତିକ ଚିଠା ତାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଶ୍ରୀ ଜୟଶ୍ୱାଲ କହିଛନ୍ତି ।

# ଜୟଶଙ୍କର-ଅଷ୍ଟ୍ରେଲିଆ-ସିଙ୍ଗାପୁର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆସନ୍ତାକାଲିଠାରୁ ଅଷ୍ଟ୍ରେଲିଆ ଓ ସିଙ୍ଗାପୁରକୁ ୬ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍‌ଠାରେ ନବନିର୍ମିତ ଭାରତର ଚତୁର୍ଥ ବାଣିଜ୍ୟିକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । ଏହାଛଡ଼ା ଡକ୍ଟର ଜୟଶଙ୍କର କାନ୍‌ବେରାଠାରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚଦଶ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ତାଙ୍କର ଅଷ୍ଟ୍ରେଲୀୟ ପ୍ରତିପକ୍ଷ ପେନି ଓ୍ୱଙ୍ଗ୍‌'ଙ୍କ ସହିତ ସହ-ଅଧ୍ୟକ୍ଷତା କରିବେ । ସେହିଭଳି ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଷ୍ଟ୍ରେଲିଆର ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା 'ଦ୍ୱିତୀୟ ରାଇସିନା ଡାଉନ୍ ଅଣ୍ଡର'ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆର ନେତୃବୃନ୍ଦ, ସାଂସଦ, ପ୍ରତିଷ୍ଠିତ ଶିଳ୍ପପତି, ଗଣମାଧ୍ୟମ, ବୁଦ୍ଧିଜୀବୀ ଏବଂ ଭାରତୀୟ ସମୁଦାୟଙ୍କ ସମେତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଡକ୍ଟର ଜୟଶଙ୍କର ଆସନ୍ତା ୮ ତାରିଖ ଦିନ ସିଙ୍ଗାପୁର ଗସ୍ତ କରିବେ । ସେଠାରେ ଅଷ୍ଟମ ଆସିଆନ୍ ଭାରତୀୟ ବୁଦ୍ଧିଜୀବୀ ନେଟ୍‌ୱାର୍କ ଗୋଲ୍‌ଟେବୁଲ୍ ବୈଠକରେ ତାଙ୍କର ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଭାରତ-ସିଙ୍ଗାପୁର

ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ସେଠାକାର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ ।

## ଏମ୍.ଇ.ଏ. - ଚୀନ ୟୁ.ଏସ୍.

ପୂର୍ବ ଲଦାଖ୍ର ବାସ୍ତବ ନିୟନ୍ତ୍ରଣ ରେଖା ଅନ୍ତର୍ଗତ ଡେମ୍‌ଚୋକ୍ ଓ ଡେପ୍‌ସାଙ୍ଗ୍ ଅଞ୍ଚଳରେ ଭାରତ ଓ ଚୀନ୍ ପକ୍ଷରୁ ମିଳିତ ପାଟ୍ରୋଲିଂ ଆରମ୍ଭ ହୋଇଛି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ଆପୋଷ ବୁଝାମଣା ଅନୁଯାୟୀ ଦୁଇ ଦେଶ ପକ୍ଷରୁ ପାଟ୍ରୋଲିଂ କାର୍ଯ୍ୟ ଆରମ୍ଭ କରାଯାଇଛି । ଗତମାସ ୨୧ ତାରିଖ ଦିନ ଡେମ୍‌ଚୋକ୍ ଓ ଡେପ୍‌ସାଙ୍ଗରୁ ଶେଷ ପର୍ଯ୍ୟାୟରେ ଉଭୟଉଭ ଦେଶ ପକ୍ଷରୁ ସୈନ୍ୟ ପ୍ରତ୍ୟାହାର କରାଯାଇଥିଲା । ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କକୁ ସୁଦୃଢ଼ ତଥା ସ୍ଥିର ରଖିବା ଉଦ୍ଦେଶ୍ୟରେ ଉଚ୍ଚ ପଦାଧିକାରୀଙ୍କ ସମେତ ବୈଦେଶିକ ମନ୍ତ୍ରୀସ୍ତରୀୟ କଥାବାର୍ତ୍ତା ପରେ ଏହା ସମ୍ଭବ ହୋଇପାରିଛି ।

## ଝାଡ଼ଖଣ୍ଡ - ଅମିତ୍ ଶାହା

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ରାତିରେ ରାଞ୍ଚି ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ଅବସରରେ ସେ ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ବି.ଜେ.ପି. ପକ୍ଷରୁ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରିବେ । ଏହାଛଡ଼ା ଆସନ୍ତା କାଲି ସେ ଦଳୀୟ ସଙ୍କଳ୍ପ ପତ୍ର ସେଠାରେ ଜାରି କରିବେ ବୋଲି ଝାଡ଼ଖଣ୍ଡ ବିଧାନସଭା ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତା ଶିବରାଜ ସିଂହ ଚୌହାନ କହିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଶାହା ଆସନ୍ତାକାଲି ଘାଟଶିଲାର ଧାଲ୍‌ଭୁମ୍‌ଗଡ଼, ହଜାରିବାଗ୍ର ବରକଠା ଏବଂ ଛତ୍ରାର ହିମାରିଆଠାରେ ପୃଥକ୍ ପୃଥକ୍ ନିର୍ବାଚନ ର୍ୟାଲୀରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

## କେରଳ - କ୍ୟାମ୍ପେନ୍

ୱାଇନାଡ୍ ସଂସଦୀୟ ଆସନ ସମେତ ଚେଲାକାରା ଏବଂ ପାଲାକାଡ଼୍ ବିଧାନସଭା ଆସନ ଲାଗି ଆସନ୍ତା ୧୩ ତାରିଖ ଦିନ ଉପନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ନିର୍ବାଚନ ପ୍ରଚାର ସରଗରମ ହୋଇଛି । ଏ ସମ୍ପର୍କରେ

ଆମ କୋଚି ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ୱାଇନାଡ୍ ଆସନ ଲାଗି କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଆସନ୍ତାକାଲିଠାରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ । ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆସନ୍ତା ସୋମବାରଠାରୁ ସେଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଆରମ୍ଭ କରିବେ ।

ପାଲାକାଡ୍ ବିଧାନସଭା ମଣ୍ଡଳୀରେ ପ୍ରାର୍ଥୀମାନେ ଘରକୁ ଘର ବୁଲି ନିଜ ସପକ୍ଷରେ ଭୋଟର୍‌ମାନଙ୍କୁ ଆକୃଷ୍ଟ କରିବାରେ ପ୍ରୟାସ ଜାରି ରଖିଛନ୍ତି । ୟୁ.ଡି.ଏଫ୍. ପ୍ରାର୍ଥୀ ରାହୁଲ୍ ମାଙ୍କୁଟ୍ଟାଥିଲ୍ ସହରର ଦକ୍ଷିଣାଞ୍ଚଳ ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେଇ ପ୍ରଚାର କରୁଥିବାବେଳେ ଏଲ୍.ଡି.ଏଫ୍. ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡକ୍ଟର ପି. ସାରିନ୍ ଭାଦାପାରାମ୍ବୁ-ଚାଥାଙ୍କୁ-ଲାଙ୍ଗୁରା-ପାରାମିଲ୍ ଅଞ୍ଚଳରେ ପ୍ରଚାର ଜୋର୍‌ଦାର୍ କରିଛନ୍ତି । ସେହିଭଳି ଏନ୍.ଡି.ଏ. ପ୍ରାର୍ଥୀ ପି. କ୍ରିଷ୍ଣାକୁମାର ପାଲାକାଡ୍‌ର ପୂର୍ବାଞ୍ଚଳରେ ନିଜର ପ୍ରଚାର ଜୋର୍‌ଦାର କରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଝାଡ଼ଖଣ୍ଡ-ସଢ଼େଇକଳା ପ୍ରୋଫାଇଲ୍

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍ ସମ୍ମାନଜନକ ସଢ଼େଇକଳା ଆସନରୁ ବିଧାନସଭା ନିର୍ବାଚନ ଲଢୁଛନ୍ତି । ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ବ ନିର୍ବାଚନଗୁଡ଼ିକ

ତୁଳନାରେ ଚଳିତ ଥର ସଡ଼େଇକଳାରେ ଏକ ଭିନ୍ନ ରାଜନୈତିକ ସ୍ଥିତି ଦେଖାଦେଇଛି ।  ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ୍ ଜେ.ଏମ୍.ଏମ୍. ଟିକେଟ୍‌ରେ ଏହି ଆସନରୁ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବାବେଳେ ଚଳିତ ଥର ସେ ବି.ଜେ.ପି. ଟିକେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏଠାରେ ସୂଚନା ଦିଆଯାଇପାରେ, ଶ୍ରୀ ସୋରେନ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଜେ.ଏମ୍.ଏମ୍. ଦଳରୁ ମଧ୍ୟ ଇସ୍ତଫା ଦେଇ ବି.ଜେ.ପି.ରେ ଯୋଗ ଦେଇଛନ୍ତି । ଅନ୍ୟପକ୍ଷରେ ବି.ଜେ.ପି.ରୁ ଇସ୍ତଫା ଦେଇଥିବା ଗଣେଶ ମହାଲିଙ୍କୁ ଜେ.ଏମ୍.ଏମ୍. ସଡ଼େଇକଳା ଆସନ ଲାଗି ଟିକେଟ୍ ପ୍ରଦାନ କରିଛି । ୨୦୧୯ ବିଧାନସଭା ନିର୍ବାଚନରେ ସଡ଼େଇକଳା ଆସନରେ ଚମ୍ପେଇ ସୋରେନ୍ ଓ ଗଣେଶ ମହାଲିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ମାତ୍ର ଶ୍ରୀ ସୋରେନ୍ ସେ ସମୟରେ ଜେ.ଏମ୍.ଏମ୍.ରୁ ଏବଂ ଶ୍ରୀ ମହାଲି ବି.ଜେ.ପି.ରୁ ପ୍ରାର୍ଥୀ ହୋଇଥିଲେ । ଏହି ବିଧାନସଭା ଆସନ ଲାଗି ମୋଟ୍ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେଠାରେ ମୁଖ୍ୟତଃ ଶ୍ରୀ ସୋରେନ୍ ଓ ଶ୍ରୀ ମହାଲିଙ୍କ ମଧ୍ୟରେ  ଲଢ଼େଇ ହେବ । ବାଂଲାଦେଶୀ ଅନୁପ୍ରବେଶକାରୀ ଏବଂ ରୋହିଙ୍ଗ୍ୟା ପ୍ରସଙ୍ଗକୁ ପ୍ରାୟ ସମସ୍ତ ଦଳ ନିର୍ବାଚନ ପ୍ରଚାରରେ ସ୍ଥାନ ଦେଉଥିବା ଦେଖିବାକୁ ମିଳୁଛି ।

## ଓଡ଼ିଶା - ଆକ୍ସିଡେଣ୍ଟ

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ଏମ୍.ସି.ଏଲ୍-ତାପୋଡ଼ିଆ ରୋଡ୍ ଅନ୍ତର୍ଗତ ଗାଈକଣପାଲିଠାରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହେବା ସହିତ ଅନ୍ୟ କେତେ ଜଣ ଆହତ ହୋଇଛନ୍ତି । ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କାଣ୍ଡାଗଡ଼ା ଓ ସମରପିଣ୍ଡ ଗ୍ରାମର ପ୍ରାୟ ୧ ୨ ଜଣ ଲୋକ ଏକ ସାଂସ୍କୃତିକ ଉତ୍ସବରେ ଯୋଗଦେଇ ଗୋଟିଏ ଭ୍ୟାନ୍‌ରେ ଘରକୁ ଫେରୁଥିବା ସମୟରେ ଏକ ଟ୍ରେଲର୍ ସହିତ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । କୁହୁଡ଼ି ଯୋଗୁଁ ରାସ୍ତା ପରିଷ୍କାର ଦେଖାଯାଉ ନ ଥିବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି ପୁଲିସ୍ କହିଛି ।

## ଅନନ୍ତନାଗ - ଏନ୍‌କାଉଣ୍ଟର୍

କାଶ୍ମୀର ଉପତ୍ୟକାର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ହାଲ୍‌କାନ ଗଲି ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହିତ ଗୁଳି ବିନିମୟ ସମୟରେ ଦୁଇ ଜଣ ସନ୍ତ୍ରାସବାଦୀଙ୍କର ମୃତ୍ୟୁ ହୋଇଛି । ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ କରାଯାଇଥିବା ପୋଷ୍ଟରୁ ମିଳିଥିବା ସୂଚନା

ଅନୁଯାୟୀ ସମ୍ପୃକ୍ତ ଅଞ୍ଚଳରେ ସନ୍ତ୍ରାସବାଦୀ ଲୁଚି ରହିଥିବା ଖବର ମିଳିବା ପରେ ସେଠାରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ସମୟରେ ସନ୍ତ୍ରାସବାଦୀଙ୍କ ପକ୍ଷରୁ ସୁରକ୍ଷା କର୍ମୀଙ୍କ ଉପରେ ଗୁଳିମାଡ଼ କରାଯାଇଥିଲା । ଏହାର ପାଲଟା ଜବାବରେ ଦୁଇ ଜଣ ସନ୍ତ୍ରାସବାଦୀ ନିହତ ହୋଇଛନ୍ତି । ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ସେଠାରେ ତଲାସୀ ଅଭିଯାନ ଜାରି ରହିଥିବା ଜଣାଯାଇଛି ।

ଅନ୍ୟ ଏକ ଘଟଣା କ୍ରମରେ କାଶ୍ମୀର ଉପତ୍ୟକାର ଶ୍ରୀନଗର ସହରର ଖାନୟାର ଅଞ୍ଚଳରେ ଆଜି ସକାଳେ ଗୁଳିବିନିମୟ ହୋଇଥିଲା । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୁରକ୍ଷାବାହିନୀର ମିଳିତ ଟିମ୍ ଗୁଇନ୍ଦା ସୂଚନା ଆଧାରରେ ଆତଙ୍କବାଦୀଙ୍କୁ ଖୋଜିବା ପାଇଁ ସମ୍ପୃକ୍ତ ଅଞ୍ଚଳ ଘେରାଉ କରି ତଲାସୀ ଅଭିଯାନ ଜାରି ରଖିଥିଲେ । ଏହି ସମୟରେ ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଜଣାଯାଇଛି ।

## କ୍ରିକେଟ୍ - ଇଣ୍ଡିଆ-ନ୍ୟୁଜିଲାଣ୍ଡ

ମୁମ୍ବାଇର ୱାଙ୍ଖେଡ଼ ଷ୍ଟାଡିୟମ୍‌ରେ ଚାଲିଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ନ୍ୟୁଜିଲାଣ୍ଡ ଭାରତ ବିପକ୍ଷରେ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ୍‌ରେ ୯ ୱିକେଟ୍ ହରାଇ ୧୭୧ ରନ୍ କରିଛି । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି ୱିକେଟ୍ ଅକ୍ତିଆର କରିଥିବାବେଳେ

ରବିଚନ୍ଦ୍ରନ୍ ଅଶ୍ୱିନୀ ୩ଟି ଓ୍ୱାଶିଙ୍ଗଟନ୍ ସୁନ୍ଦର ଓ ଆକାଶଦୀପ ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଛନ୍ତି ।

ପୂର୍ବରୁ ଭାରତୀୟ ଦଳ ପ୍ରଥମ ଇନିଙ୍ଗ୍‌ସରେ ୨୬୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଶୁଭ୍‌ମନ୍ ଗିଲ୍ ୯୦ ଏବଂ ଋଷଭ୍ ପନ୍ଥ ୧୬ ରନ୍ କରିଥିଲେ । ଏହି ଦୁଇ ବ୍ୟାଟ୍‌ସମ୍ୟାନ୍ ୧୧୪ଟି ବଲ୍‌ରୁ ୯୬ ରନ୍ ସଂଗ୍ରହ କରିଥିଲେ । ଓ୍ୱାଶିଙ୍ଗ୍‌ଟନ ସୁନ୍ଦର ୩୬ଟି ବଲ୍‌ରୁ ୩୮ ରନ୍ କରି ଅପରାଜିତ ଥିଲେ । ନ୍ୟୁଜିଲାଣ୍ଡର ଅଜାଜ ପଟେଲ୍ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

ପୂର୍ବରୁ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଙ୍ଗ୍‌ସରେ ସମସ୍ତ ଓ୍ୱିକେଟ୍ ହରାଇ ୨୩୫ ରନ୍ କରିଥିଲା । ବର୍ତ୍ତମାନ ସୁଦ୍ଧା ନ୍ୟୁଜିଲାଣ୍ଡ ଭାରତଠାରୁ ୧୪୩ ରନ୍‌ରେ ଅଗ୍ରଣୀ ରହିଛି ।

*****